# NATIONAL NEWS BULLETIN (ODIA)

**15 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଜୀବନ କେବଳ ଆବଶ୍ୟକତା ମଧ୍ୟରେ ସୀମିତ ନରହି ମାନବିକତାର ପ୍ରତିଫଳନ ହେବା ଆବଶ୍ୟକ - କହିଲେ ରାଷ୍ଟ୍ରପତି ।
- ଦେଶର ଯୁବାପିଢ଼ୀଙ୍କୁ ସଶକ୍ତ କରିବା ଲାଗି ଆରମ୍ଭ ହୋଇଥିବା କୌଶଳ ଭାରତ ଅଭିଯାନକୁ ଆଜି ପୁରିଲା ୧୦ବର୍ଷ ।
- ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ୧୮ ଦିନ ବିତାଇବା ପରେ ଆଜି ପୃଥିବୀକୁ ଫେରୁଛନ୍ତି ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା

ଏବଂ

- ତାସକେଣ୍ଟରେ ଭାରତ ଓ ଉଜ୍‌ବେକିସ୍ତାନ ମଧ୍ୟରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ।

## ପ୍ରେସିଡେଣ୍ଟ–ଓଡ଼ିଶା ଭିଜିଟ୍

ଆମର ଜୀବନଯାତ୍ରା କେବଳ ଖାଦ୍ୟ, ବସ୍ତ୍ର, ବାସଗୃହ ମଧ୍ୟରେ ସୀମିତ ନରହି ମାନବିକତାର ଏକ ପ୍ରକୃଷ୍ଟ ପ୍ରତିଫଳନ ହେବା ଆବଶ୍ୟକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଆଜି କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି

କହିଛନ୍ତି ମାନବିକତାର ବିକାଶ ହେଉଛି ବର୍ତ୍ତମାନର ମଣିଷର ଆବଶ୍ୟକତା ।

**V/O (President-1)**

ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୨୦୪୭ ବିକଶିତ ଭାରତର ଲକ୍ଷ୍ୟ ପୂରଣ ଲାଗି ଆମର ସାମର୍ଥ୍ୟକୁ ସାର୍ବଜନୀନ କରିବା ଏବଂ ସଫଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆଦିତ୍ୟ ଏଲ୍-୧, ଚନ୍ଦ୍ରଯାନ-୩ ଅଭିଯାନ ଏବଂ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯାତ୍ରାକୁ ଦେଶର ଅନନ୍ୟ ସଫଳତା ଭାବେ ବର୍ଣ୍ଣନା କରିବା ସହ ଏହାଦ୍ୱାରା ଦେଶର ଗୌରବ ବୃଦ୍ଧି ପାଇଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

**V/O (President-2)**

ଆଜି ରାଷ୍ଟ୍ରପତି କଟକ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର ତିନୋଟି କୋଠାର ପୁନଃବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ’ ଆଦିକବି ସାରଳା ଦାସଙ୍କ ଜନ୍ମବାର୍ଷିକୀ ସମାରୋହରେ ଯୋଗଦେଇ ୨୦୨୪ ପାଇଁ କଳିଙ୍ଗ ରତ୍ନ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଆଜି ସନ୍ଧ୍ୟାରେ ଓଡ଼ିଶା ଗସ୍ତ ଶେଷ କରି ରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ’ର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ।

# ଡିଆରଡିଓ-ଇଣ୍ଡିଆନ୍ ନାଭି

ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ ଡିଆରଡିଓ ଆଜି ଭାରତୀୟ ନୌସେନାକୁ ୬ଟି ଉନ୍ନତମାନର ବୈଷୟିକ ଜ୍ଞାନକୌଶଳଯୁକ୍ତ ଉତ୍ପାଦ ପ୍ରଦାନ କରିଛି । ଏଗୁଡ଼ିକ ମଧ୍ୟରେ ଆକାଶମାର୍ଗରୁ ଗାମା ବିକିରଣ ସର୍ଭେକ୍ଷଣ ବ୍ୟବସ୍ଥା, ପରିବେଶ ସର୍ବେକ୍ଷଣ ଯାନ, ରେଡ଼ିଓଲୋଜି ନିରୀକ୍ଷଣ ବ୍ୟବସ୍ଥା, ଗଭୀର ଜଳରାଶିରେ ଗାମା ବିକିରଣ ନିରୀକ୍ଷଣ ବ୍ୟବସ୍ଥା ଆଦି ଉତ୍ପାଦ ରହିଛି । ଡିଆରଡିଓ ଅଧ୍ୟକ୍ଷ ଏହିସବୁ ଉତ୍ପାଦ ଗୁଡ଼ିକୁ ରାଜସ୍ଥାନର ଯୋଧପୁରସ୍ଥିତ ପ୍ରତିରକ୍ଷା ଲାବୋରାଟୋରିଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ନୌସେନାର ଉପମୁଖ୍ୟ ଆଡମିରାଲ ଶ୍ରୀରାମ ଅମ୍ବୁରଙ୍କୁ ପ୍ରଦାନ କରିଛନ୍ତି ।

# ସ୍କିଲ୍ ଇଣ୍ଡିଆ ମିଶନ

କୌଶଳ ଭାରତ ଅଭିଯାନକୁ ଆଜି ୧୦ ବର୍ଷ ପୂରଣ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ମସିହାରେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ । ଯୁବାପିଢ଼ୀକୁ ଶିଳ୍ପ ଆବଶ୍ୟକତା ସମ୍ପନ୍ନ କୌଶଳ ପ୍ରଶିକ୍ଷଣ ପ୍ରଦାନ କରି ନିଯୁକ୍ତି ପ୍ରଦାନ କରିବା ଏବଂ ସମାବେଶୀ ଜୀବନଶୈଳୀ ଦିଗରେ ପ୍ରେରିତ କରିବା ଏହି ଅଭିଯାନର ଉଦ୍ଦେଶ୍ୟ ।

ଜାତିସଂଘର ସାଧାରଣ ସଭାରେ ୨୦୧୪ ମସିହାରେ ଆଜିର ଦିନଟିକୁ ବିଶ୍ୱ ଯୁବା କୌଶଳ ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି "କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ କୌଶଳ ମାଧ୍ୟମରେ ଯୁବପିଢ଼ୀକୁ ସଶକ୍ତ କରିବା" ।

କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଜୟନ୍ତ ଚୌଧୁରୀ ଏହି ଅବସରରେ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇବା ସହ ବିଭିନ୍ନ କ୍ଷେତ୍ରରେ କୌଶଳ ବିକାଶ କରି ଯୁବାପିଢ଼ୀକୁ ସଶକ୍ତ କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ କୌଶଳ ଭାରତ ଅଭିଯାନ ଅନେକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ସହ ମହିଳା ଏବଂ ଅବହେଳିତ ସମ୍ପ୍ରଦାୟମାନଙ୍କ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି ବୋଲି କହିଛନ୍ତି । ଏ ସମ୍ପର୍କରେ ଏକ ରିପୋର୍ଟ...

**V/O (Deependra)**

## ଆକ୍ସିଓମ-୪

ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଏବଂ ଆକ୍ସିଓମ-୪ ମିଶନର ତିନିଜଣ କ୍ରୁ ସଦସ୍ୟ ଆନ୍ତର୍ଜାତିକ ମହାକାଶକେନ୍ଦ୍ରରେ ୧୮ ଦିନ ବିତାଇବା ପରେ ଆଜି ପୃଥିବୀକୁ ଫେରିବେ । ଗତକାଲି ମହାକାଶ କେନ୍ଦ୍ରରୁ ଅଲଗା ହେବା ପରେ ସ୍ପେଶ୍ ଏକ୍ସ ଡ୍ରାଗନ୍ ୨୨ ଘଣ୍ଟାର ଯାତ୍ରା ଆରମ୍ଭ କରିଛି । ଆଜି ଅପରାହ୍ନ ୩ଟାରେ ଆମେରିକାର କାଲିଫର୍ଣ୍ଣିଆ ଉପକୂଳରେ ଡ୍ରାଗନ୍ କ୍ୟାପସୁଲ ଅବତରଣ କରିବା ଆଶା କରାଯାଉଛି ।

ଆକ୍ସିଓମ୍-୪ ମିଶନର ମହାକାଶଯାତ୍ରା ଗତ ଜୁନ୍ ୨୫ ତାରିଖରେ ଆରମ୍ଭ ହୋଇଥିଲା । ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ମହାକାଶକୁ ଯାଇଥିବା ଦ୍ୱିତୀୟ ଭାରତୀୟ ହୋଇଥିବା ବେଳେ ୧୯୮୪ ମସିହାରେ ମହାକାଶଚାରୀ ରାକେଶ ଶର୍ମା ଏହି ସୁଯୋଗ ପାଇଥିଲେ । ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଶ୍ରୀ ଶୁକ୍ଲା ମହାକାଶ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ

ଭାରତ ସମ୍ପର୍କିତ ୭ଟି ମାଇକ୍ରୋଗ୍ରାଭିଟି ପରୀକ୍ଷଣ କରିଥିଲେ। ଏହି ପରୀକ୍ଷଣ ଗୁଡ଼ିକ ଭବିଷ୍ୟତରର ମହାକାଶ ଅଭିଯାନ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି।  ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଅନୁଷ୍ଠିତ ବିଦାୟୀ ଉତ୍ସବରେ ଶୁଭାଂଶୁ କହିଥିଲେ, ଭାରତ ମହତ୍ତ୍ୱାକାଂକ୍ଷା ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ। ସେ କହିଥିଲେ, ଭାରତ ଏବେବି ମହାକାଶରୁ 'ସାରେ ଜାହାଁସେ ଅଚ୍ଛା' ଦେଖାଯାଉଛି।

## ଓଡ଼ିଶା ଷ୍ଟୁଡେଣ୍ଟ ଡେଥ୍

ଓଡ଼ିଶାର ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶ୍ୱାସନା ଦେଇଛନ୍ତି । ଅଧ୍ୟାପକଙ୍କ ବିରୁଦ୍ଧରେ ନିର୍ଯାତନା ଅଭିଯୋଗ ଆଣି ଆତ୍ମହତ୍ୟା ଉଦ୍ୟମ କରିଥିବା ଓଡ଼ିଶାର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କର ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରାତିରେ ମୃତ୍ୟୁ ଘଟିଛି। ସମ୍ପୃକ୍ତ କଲେଜର ଜଣେ ଅଧ୍ୟାପକଙ୍କ ଦ୍ୱାରା ସେ ଯୌନ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା। ଛାତ୍ରୀ ଜଣଙ୍କ ୯୫ ପ୍ରତିଶତ ପୋଡ଼ି ଯାଇଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି । ଓଡ଼ିଶା ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସରେ ଛାତ୍ରୀଙ୍କ ପିତାମାତାଙ୍କୁ ଭେଟି ଗଭୀର ଚିନ୍ତା ପ୍ରକାଶ କରିଥିଲେ। ସେ ମଧ୍ୟ ଚିକିତ୍ସା କରୁଥିବା ଡାକ୍ତରଙ୍କଠାରୁ ପୀଡ଼ିତାଙ୍କ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

## ଡବ୍ଲ୍ୟୁବି-ଫିଶରମ୍ୟାନ୍ ଆରେଷ୍ଟ

ପଶ୍ଚିମବଙ୍ଗର ୩୪ଜଣ ମତ୍ସ୍ୟଜୀବୀଙ୍କୁ ବାଂଲାଦେଶ ନୌସେନା ଗିରଫ କରିଛି । ସେମାନଙ୍କୁ ଆଜି ସକାଳେ ବାଂଲାଦେଶର ଏକ କୋର୍ଟରେ ହାଜର କରାଯାଇଥିଲା । ସମ୍ପୃକ୍ତ ମତ୍ସ୍ୟଜୀବୀମାନେ ବାଂଲାଦେଶର ଜଳରାଶି ମଧ୍ୟକୁ ପ୍ରବେଶ କରିବା ଲାଗି ଉଦ୍ୟମ କରୁଥିବାର ଅଭିଯୋଗ ହୋଇଛି । ସେମାନଙ୍କଠାରୁ ୨ଟି ମାଛଧରା ଟ୍ରଲର ଜବତ କରାଯାଇଛି । ଗିରଫ କରାଯିବା ପରେ ସମ୍ପୃକ୍ତ ମତ୍ସ୍ୟଜୀବୀ ଏବଂ ଟ୍ରଲରକୁ ବାଂଲାଦେଶର ମୋଙ୍ଗ୍ଲା ବନ୍ଦରକୁ ନିଆଯାଇଛି । ସୂଚନା ଅନୁଯାୟୀ ଏହି ୩୪ଜଣିଆ ମତ୍ସ୍ୟଜୀବୀ ଦଳ ଦକ୍ଷିଣ ୨୪ ପ୍ରଗଣାର କାକଦୀପଠାରୁ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ଯାଇଥିଲେ । ଇତିମଧ୍ୟରେ ପଶ୍ଚିମବଙ୍ଗ ସରକାର ବାଂଲାଦେଶସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗରେ ରହିଥିବା ଜଣାପଡିଛି ।

## ସ୍ପୋର୍ଟସ ରାଉଣ୍ଡ ଅପ୍

ତାସକେଣ୍ଟଠାରେ ଗତକାଲି ରାତିରେ ଅନୁଷ୍ଠିତ ଭାରତର ୨୦ ବର୍ଷରୁ କମ୍ ମହିଳା ଦଳ ଓ ଉଜବେକିସ୍ତାନ ମଧ୍ୟରେ ଅନୁଷ୍ଠିତ ଆର୍ନ୍ତଜାତିକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି । ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍ କରିବାକୁ ସମର୍ଥ ହୋଇଥିଲେ । ଉଜ୍‌ବେକିସ୍ତାନ ଖେଳର ୩୮ତମ ମିନିଟ୍‌ରେ ଗୋଲ୍ କରିଥିବା ବେଳେ ଭାରତ ଅଣାଅସୀ ତମ ମିନିଟ୍‌ରେ ଗୋଲ କରିଥିଲା ।

ଲର୍ଡସରେ ଅନୁଷ୍ଠିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ' ୨୨ ରନ୍‌ରେ ଭାରତକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ୧୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୧୭୦ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା । ରବିନ୍ଦ୍ର ଜାଡେଜା ୬୧ ରନ୍ କରି ଅପରାଜିତ ରହିଥିଲେ । ଇଂଲଣ୍ଡର ଜୋଫ୍ରା ଆର୍ଚର ଏବଂ ବେନ୍ ଷ୍ଟୋକ୍ସ ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

ପୂର୍ବରୁ ଘରୋଇ ଇଂଲଣ୍ଡ ଦଳ ଦ୍ୱିତୀୟ ଇନିଂସରେ ୧୯୨ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା । ପ୍ରଥମ ଇନିଂସରେ ଭାରତ ଏବଂ ଇଂଲଣ୍ଡ ଉଭୟ ୩୮୭ ଲେଖାଏଁ ରନ୍ କରିଥିଲେ । ଏହି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୧ ଆଗରେ ରହିଛି । ଚତୁର୍ଥ ଟେଷ୍ଟ ମ୍ୟାଚ୍ ଆସନ୍ତା ୨୩ ତାରିଖରୁ ମାଞ୍ଚେଷ୍ଟରଠାରେ ଖେଳାଯିବ ।